# Akashvani, Sambalpur

## SAMBALPURI NEWS EVENING BULLETIN

**30 July 2024- 7.02 pm- 7.12 pm.**

*******************************************

୧- ନାଗରିକ୍‌ମାନେ ଯେତେବେଲେ ଜୀବନ୍‌ର ଫି’ ଦିଗେ ସ୍ଥିରତା ହାସଲ୍ କର୍‌ସନ୍ ସେତେବେଲେ ଦେଶ୍ କେଭେ ଭିଲ୍ ପଛ୍‌କେ ନାଇଁଫିରେ- କହେଲେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୨- ରାଏଜେ ୨୦୨୫ ଡିସେମ୍ବର୍ ଶେଷ୍‌ତକ୍ ଫି’ ପରିବାର୍‌କେ ପିଇବାର୍ ପାଏନ୍ ଯୁଗାବାର୍ ଲକ୍ଷ୍ୟ ରଖାଯାଇଛେ - କହେଲେ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ।

୩- ରାଏଜେ ଜଙ୍ଗଲ୍ ଆଉ ଜଳ ପ୍ରବାହକେ ବଢ଼ାବାର୍ ଆଉ ମାଟି କ୍ଷୟ ରୁକ୍‌ବାର୍ ଲାଗି କାର୍ଯ୍ୟକାରୀ ହେଇଛେ ଗ୍ରୀନ୍ ମହାନଦୀ ମିଶନ୍ ।

୪- ପେରିସ୍ ଅଲମ୍ପିକ୍ସ୍‌ଥି ଆଉ ଗୁଟେ ବ୍ରୋଞ୍ଜ୍ ପଦକ୍ ପାଏଲା ଭାରତ୍ ।

ଆଉର୍

୫- ଆଏବା ୫ ଦିନ୍‌ତକ୍ ରାଏଜର୍ ବଡ଼ଭାଗୀ ଜାଗା ନ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର କଲା ଅନୁମାନ୍ ।

କେନ୍ଦ୍ର ବଜେଟ୍- ପ୍ରଧାନ୍‌ମନ୍ତ୍ରୀ ପି.ଆଇ.ବି.

ନାଗରିକ୍‌ମାନେ ଯେତେବେଳେ ଜୀବନ୍‌ର ଫି’ ଦିଗେ ସ୍ଥିରତା ହାସଲ୍ କର୍‌ସନ୍ ଆଉ ଉତ୍ସାହଥି ଭରି ରହେସନ୍, ସେତେବେଳେ ଦେଶ୍ କେଭେ ଭିଲ୍ ପଛ୍‌କେ ନାଇଁ ଫିରିପାରେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଶ୍ରୀ ମୋଦୀ ଆଏଜ୍ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍‌ଥି ଭାରତୀୟ ଶିଳ୍ପ ମହାସଂଘ ତର୍‌ଫୁ ହେଇଥିବା “ବିକଶିତ୍ ଭାରତ୍ ଅଭିମୁଖେ ଯାତ୍ରା : କେନ୍ଦ୍ର ବଜେଟ୍ ୨୦୨୪-୨୫ ସମ୍ମିଲନୀ”ର୍ ଉଦ୍‌ଘାଟନୀ ଅଧିବେଶନ୍‌ଥି ଯୋଗ୍ ଦେଇକରି କହିଛନ୍ ଯେ, ୨୦୧୪ ମସିହାନୁ ଆଗେ ଦେଶ୍ ଦୁର୍ବଲ୍ ୫ ଟା ଅର୍ଥନୀତି ତାଲିକାଥି ଥିଲା । ହେଲେ ଏଛନର୍ ସର୍‌କାର୍ ଭାରତ୍‌ର ଅର୍ଥନୀତିକେ ନୂଆଁ ଉଚ୍ଚତାଥି ପହଁଚେଇଛନ୍ । ୨୦୧୩-୧୪ ର ବଜେଟ୍‌ଥି ୧୬ ଲାଖ୍ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଥିବାର୍ ବେଲେ ଇ ବଛର୍ ସେଟାକେ ୩ ଗୁଣ୍ ବଢ଼େଇକରି ୪୮ ଲାଖ୍ କୋଟି ଟଙ୍କା କରାଯାଇଛେ । ସମ୍ପଳ ବିନିଯୋଗ୍‌ର ସବୁନୁ ବଡ଼ ମାପକାଠି ପୁଞ୍ଜିବ୍ୟୟ-୨୦୦୪ ନ ୯୦ ହଜାର୍ କୋଟି ଟଙ୍କା ଥିଲା । ଯେନ୍‌ଟା ୨୦୧୪ ତକ୍ ୧୦ ବଛର୍ ଭିତ୍‌ରେ ୨ ଲାଖ୍ କୋଟିକେ ବଢ଼ାଯାଇଥିଲା । ସେନ୍ତା ଗଲା ୧୦ ବଛର୍ ଭିତ୍‌ରେ ରେଲ୍‌ବାଇ ଆର୍ ରାଜପଥର ବଜେଟ୍‌ଥି ୮ ଗୁନ୍

ବଢ଼ାଯାଇଛେ । ସେଆଡ଼େ କୃଷି ବଜେଟ୍‌ଥି ୪ ଆଉ ପ୍ରତିରକ୍ଷା ବଜେଟ୍‌ଥି ୨ ଗୁନ୍ ବଢ଼ିଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା-୧ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍‌ର ଆଏଜ୍ ୭ ନମ୍ବର୍ ଦିନେ ଗୃହ କାର୍ଯ୍ୟ ଶୃଙ୍ଖଲିତ୍ ଆଉ ସ୍ୱାଭାବିକ୍ ଭାବେ ଚାଲିଛେ । ପହେଲା ପ୍ରଶ୍ନୋତର୍ କାର୍ଯ୍ୟକ୍ରମ୍ ଶୂନ୍ୟକାଳ ଆଉ ଗୁରୁତ୍ୱପୂର୍ଣ୍ଣ ମୁଲ୍‌ତବୀ ପ୍ରସ୍ତାବ୍ ଉପ୍‌ରେ ଗୃହ ନ ସର୍‌ଗରମ୍ ଆଲୋଚନା ହେଇଛେ ।

ରାଏଜେ ୨୦୨୫ ଡିସେମ୍ବର୍ ମାସ୍ ଶେଷ୍‌ତକ୍ ଫି ପରିବାର୍‌କେ ପିଇବାର୍ ପାଏନ୍ ସୁବିଧା ପହଁଚାବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ ବଲି ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ବିଧାନ୍‌ସଭା ନ ବିଧାୟକ୍ ମନୋରଞ୍ଜନ୍ ଦ୍ୟାନ୍ ସାମନ୍ତରାୟଙ୍କର ମୂଳ ପ୍ରଶ୍ନ ଆଉ ସଦସ୍ୟ ତାରାପ୍ରସାଦ୍ ବାହିନୀପତି, ଶାରଦା ପ୍ରଧାନ୍, ଦୁର୍ଗାପ୍ରସନ୍ନ ନାଏକ୍, ଭାସ୍କର ମଢ଼େଇ, ଦାଶରଥୀ ଗମାଙ୍ଗ, ଲକ୍ଷ୍ମଣ ବାଗ୍, ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖଙ୍କର୍ ଆଉ କେତେଟା ପ୍ରଶ୍ନର୍ ଉତର୍ ଦେଇକରି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ଯେ, ଭିନ୍ ଭିନ୍ କେନ୍ଦ୍ରୀୟ ଯୋଜ୍‌ନାର୍ ଆଧାର୍ ନ ଚୁକ୍ତିନାମା ସମ୍ପାଦନ୍

କର୍‌ବାର୍‌ଥି ଡେରି ହେବାର୍‌ନୁ କେତେଟା ପାନୀୟ ଜଳ ପ୍ରକଳ୍ପ ତିଆରି କାମ୍ ପୁରା ହେବାର୍‌ଥି ଡେରି ହେଇଛେ । ହେଲେ ଜଲ୍‌ଦି ପ୍ରକଳ୍ପ କାମ୍ ଶେଷ୍ କର୍‌ବାର୍‌କେ ସବୁ ପଦକ୍ଷେପ୍ ନିଆଯାଇଛେ । ଇ ପ୍ରଶ୍ନ ଉପ୍‌ରେ ଗୃହ ନ ଆଲୋଚନା ଚାଲିଥିବାର୍ ବେଲେ ବାଚସ୍ପତି ସୁରମା ପାଢ଼ୀ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ୍‌ର ନିୟମିତ ତଦାରଖ କର୍‌ବାର୍ ସହେତେ ପିଇବାର୍ ପାଏନ୍ ଇଲାକା ସୁନିଶ୍ଚିତ୍ କର୍‌ବାର୍ ଲାଗି ବିଭାଗୀୟ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ୍ ଦେଇଥିଲେ ।

ବିଧାନ୍‌ସଭା-୨ ଆର୍‌ଏନ୍‌ୟୁ/କଟକ୍

ରାଜ୍ୟ ସର୍‌କାର୍ ଜଙ୍ଗଲ୍ ବୃଦ୍ଧି, ମୃତିକା ଆଦ୍ରତା ଆଉ ନଦୀର୍ ପାଏନ୍ ପ୍ରବାହ ବଢ଼ାବାର୍, ମୃତିକା କ୍ଷୟ ରୁକ୍‌ବାର୍ ଲାଗି ଗ୍ରୀନ୍ ମହାନଦୀ ମିଶନ୍ କାର୍ଯ୍ୟକାରୀ କରିଛନ୍ ବଲି ଜଙ୍ଗଲ୍ ଆଉ ପରିବେଶ୍ ଆଉ ଜଳବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ବିଧାନ୍‌ସଭା ନ ବିଧାୟକ୍ ପବିତ୍ର ସାଉଁଟାଙ୍କର୍ ଗୁଟେ ଲିଖିତ୍ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ସିଂ ଖୁଂଟିଆ କହିଛନ୍ ଯେ, ଇ ଯୋଜ୍‌ନାଥି ମହାନଦୀ, ବ୍ରାହ୍ମଣୀ, ବଂଶଧାରା, ବୈତରଣୀ ଆଉ ଋଷିକୂଲ୍ୟା ନଦୀ ସହେତେ ଇବ୍, ତେଲ୍ ର ଦୁହି ପାଖେ ବନୀକରଣ୍ କରାଯାଇଛେ । ରାଏଜେ ବାତ୍ୟା, ବନ୍ୟା ଆଉ ସମୁଦ୍ରକୂଳ ଖାଉଥିବା ବିପଦ୍‌ନୁ ରକ୍ଷା କର୍‌ବାର୍ ଲାଗି ଗଲା ୩ ବଛର୍

ଭିତ୍‌ରେ ୧ ହଜାର୍ ୨ ଶହ ୩୪ ହେକ୍ଟର୍ ଲୁଣା ଜଙ୍ଗଲ୍ ଆଉ ୨ ଶହ ୨୬ ହେକ୍ଟର୍ ଝାଉଁଜଙ୍ଗଲ୍ ସୃଷ୍ଟି କରାଯାଇଛେ ବଲି ଶ୍ରୀ ଖୁଂଟିଆ କହିଛନ୍ ।

ବିଧାନ୍‌ସଭା-୩ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ନିରୀକ୍ଷଣ୍ ଆଉ ଚଢ଼ଉ ଜରିଏ ଗଲା ୫ ବଛ୍‌ରେ ୨ ଶହ ୮୩ ଝନ୍ ଶିଶୁ ଶ୍ରମିକ୍‌ଙ୍କୁ ଚିହ୍ନଟ୍ କରିକରି ଉଦ୍ଧାର୍ କରାଯାଇଛେ ବଲି ଶ୍ରମ ଆଉ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ବିଧାନ୍‌ସଭା ନ ବିଧାୟକ୍ ହିମାଂଶୁ ଶେଖର୍ ସାହୁଙ୍କର୍ ଗୁଟେ ଲିଖିତ୍ ପ୍ରଶ୍ନର୍ ଉତର୍ ଦେଇକରି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ଯେ, ଇତାର୍‌ସହେତେ ଶହେ ୫୯ ଟା ସଂସ୍ଥାର୍ ବିରୋଧ୍ ନ ଭିନ୍ ଭିନ୍ ଅଦାଲତ୍ ନ ମକ୍‌ଦ୍ଦମା ଦାୟର୍ କରାଯାଇଛେ ।

ଆତ୍ମନିର୍ଭର୍ ଅଭିଯାନ୍ ଆର୍‌ଏନ୍‌ୟୁ/ କଟକ୍

ଆତ୍ମନିର୍ଭର୍ ଭାରତ୍ ଅଭିଯାନ୍ ଅଧୀନ୍‌ଥି ୨୭ ଟା ରାଜ୍ୟ ଉତ୍ପାଦନ୍ ବାବଦ୍ ପ୍ରୋତ୍ସାହନ୍ ଟଙ୍କାର ସୁଫଲ୍ ପାଇଛନ୍ ବଲି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପିୟୁସ୍ ଗୋୟେଲ୍ କହିଛନ୍ । ଆଏଜ୍ ଲୋକ୍‌ସଭା ନ ଇ ବାବଦ୍ କେତେଟା ପ୍ରଶ୍ନର୍ ଉତର୍

ଦେଇକରି ଶ୍ରୀ ଗୋୟେଲ୍ କହିଛନ୍ ଯେ, ଏଛେନ୍ ଏସି ପ୍ରସ୍ତୁତି ୬୫ ପ୍ରତିଶତ୍ ଉତ୍ପାଦ ଭାରତ୍ ନ ପ୍ରସ୍ତୁତ୍ କରାଯାଉଛେ । ଇ ଯୋଜ୍ନା ଅଧୀନ୍ଥି ଦିଆଯାଉଥିବା ସବ୍ସିଡ଼ି ଲାଗି ଇ ସଫଲତା ମିଳିଛେ ବଲି ସେ କହିଛନ୍ ।

ଅଲମ୍ପିକ୍- ପଦକ୍ ହି.ସ.

ପେରିସ୍ ଅଲମ୍ପିକ୍ସ୍ଥି ଆଏଜ୍ ମନୁ ଭାକର୍ ଏୟାର୍ ପିସ୍ତଲ୍ ମିକ୍ସ ଖେଲ୍ଥି ଆଉ ଗୁଟେ ବ୍ରୋଞ୍ଜ୍ ପଦକ୍ ହାସଲ୍ କରିଛନ୍ । ଭାରତୀୟ ସୁଟର୍ ମନୁ ଭାକର୍ ଆଉ ସରବ୍ଜୋତ୍ ସିଂ ଇ ପଦକ୍ ପାଇଛନ୍ । ଅଲମ୍ପିକ୍ସ ଖେଲ୍ଥି ୨ ଟା ପଦକ୍ ଜିତ୍ବାର୍ଥି ମନୁ ଭାକର୍ ପହେଲା ଭାରତୀୟ ମହିଲା ହେଇଛନ୍ । ସେ ପେରିସ୍ ଅଲମ୍ପିକ୍ସ୍ଥି ଦକ୍ଷିଣ କୋରିଆକେ ୧୬-୧୦ଥି ହରେଇକରି ୧୦ ମିଟର୍ ପିସ୍ତଲ୍ ମିଶ୍ରିତ ଟିମ୍ ଇଭେଂଟ୍ଥି ସରବ୍ଜୋତ୍ ସିଂଙ୍କର୍ ସହେତେ ବ୍ରୋଞ୍ଜ ପଦକ୍ ଜିତିଛନ୍ । ସେ ଇତାର୍ ଆଘୋନୁ ପେରିସ୍ ଅଲିମ୍ପିକ୍ସ୍ଥି ମହିଲାଙ୍କର୍ ୧୦ ମିଟର୍ ଏୟାର୍ ପିସ୍ତଲ୍ ଇଭେଂଟ୍ଥି ବ୍ରୋଞ୍ଜ ପଦକ୍ ଜିତିଥିଲେ । ମନୁ ଭାକର୍ଙ୍କର୍ ଆଘୋନୁ ନାର୍ମନ୍ ପ୍ରିଚର୍ଡ଼ ୧୯୦୦ ଅଲମ୍ପିକ୍ ଖେଲ୍ଥି ଆଥଲେଟିକ୍ଥି ୨ ଟା ରୂପାର୍ ପଦକ୍ ଜିତିଥିଲେ । ହେଲେ ସେତେବେଲେ ଭାରତ୍ର ବ୍ରିଟିଶ୍ ଶାସନ୍ ଅଧୀନ୍ଥି ଥିଲା । ମନୁ ଅଲମ୍ପିକ୍ ଖେଲ୍ଥି ୨ ଟା ପଦକ୍ ଜିତ୍ବାର୍ଥି ସ୍ୱାଧୀନ୍ ଭାରତ୍ର

ପହେଲା ମହିଳା ଏଥ୍‌ଲେଟ୍ ହେଇଛନ୍ । ପ୍ରିଚର୍ଡଙ୍କର୍ ଉତ୍‌ରୁ କେନ୍‌ସି ଭାରତୀୟ ଏଥ୍‌ଲେଟ୍ ଗୁଟେ ଅଲମ୍ପିକ୍ସ୍‌ଥି ୨ ଟା ପଦକ୍ ନାଇଁ ଜିତି ।

ପେରିସ୍ ଅଲମ୍ପିକ୍‌ର ୧୦ ମିଟର୍ ଏୟାର୍ ପିସ୍ତଲ୍ ମିଶ୍ରିତ୍ ଟିମ୍ ଇଭେଂଟ୍‌ଥି ମନୁ ଭାକର୍ ଆର୍ ସରବ୍‌ଜୋତ୍ ସିଂଙ୍କୁ ବ୍ରୋଞ୍ଜ ପଦକ୍ ଜିତିଥିବାର୍‌ନୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜନେଇଛନ୍ ।

ନିଟ୍- ୟୁଜି-୨୦୨୪ କାଉନ୍‌ସେଲିଂ ଆର୍‌ଏନ୍‌ୟୁ /ସମ୍ବଲପୁର

ନିଟ୍- ୟୁଜି-୨୦୨୪ ପହେଲା ଖେପ୍‌ର କାଉନ୍‌ସେଲିଂ ଆଏବା ମାସ୧୪ ତାରିଖ୍‌ନୁ ମୁଲ୍ ହେବା । ରାଜ୍ୟସଭାଥି ଆଏଜ୍ ଇ ବାବ୍‌ଦେ କେତେଟା ପ୍ରଶ୍ନର୍ ଉତର୍ ଦେଇକରି ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ କହିଛନ୍ ଯେ, ସୁପ୍ରିମ୍‌କୋର୍ଟଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ କାଉନ୍‌ସେଲିଂ ୪ ଟା ଖେପ୍‌ଥି ହେବା । ଆଏବା ମାସ ପହେଲା ହପ୍ତା ଥି ଇଥିର୍‌ଲାଗି ପଞ୍ଜିକରଣ୍ ମୁଲ୍ ହେବା । ମନ୍ତ୍ରୀ କହିଛନ୍ ଯେ, ୨୩ ତାରିଖ୍‌ତକ୍ ପହେଲା ଖେପ୍‌ର କାଉନସେଲିଂ ଶେଷ୍ ହେବା । ସେଆଡ଼େ  ମେଡ଼ିକାଲ୍ କାଉନ୍‌ସେଲିଂ କମିଟି - ଏମ୍‌ସିସି ଦେଇଥିବା ସୂଚ୍‌ନା  ଅନ୍‌ସାରେ ଏମ୍‌ସିସି ଡଟ୍ ଏନ୍‌ଆଇସି ଡଟ୍ ଇନ୍‌ଥି ମିଳିପାରୁଛେ ।

## ଶିକ୍ଷା ସପ୍ତାହ ଉଦ୍‌ଯାପିତ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଗଲା ୭ ଦିନ୍ ହେଲା ଚାଲିଥିବା ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଛେ । ଶିକ୍ଷା ମନ୍ତ୍ରଣାଲୟର୍ ନିର୍ଦ୍ଦେଶ୍ ଅନ୍‌ସାରେ ରାଜ୍ୟର୍ ସର୍‌କାରୀ ଆର୍ ସର୍‌କାରୀ ଅନୁଦାନ୍ ପାଉଥିବା ସ୍କୁଲ୍ ନ ଇ ହପ୍ତା ପାଲନ୍ କରାଯାଇଥିଲା । ଗଲାକାଏଲ୍ ଶେଷ୍ ଦିନେ ଗୋଷ୍ଠୀ ସମ୍ପୃକ୍ତି ଦିବସ୍ ପାଲନ୍ କରାଯାଇଥିଲା । ଜାତୀୟ ଶିକ୍ଷାନୀତି -୨୦୨୦ ର ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଇଥି ଠାନ୍ ପାଇଥିଲା ।

## ନାବାଳକ ଗାଡ଼ି ଚାଳନା-ଜରିମାନା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ନାବାଳକ୍‌ମାନ୍‌କର୍ ଗାଡ଼ି ଚଲାକେ ରୁକ୍‌ବାର୍ ଲାଗି ରାଜ୍ୟ ପରିବହନ୍ ପ୍ରାଧିକରଣ୍ ଏସ୍‌ଟିଏ ତର୍‌ଫୁ ସ୍ୱତନ୍ତ୍ର ଅଭିଯାନ୍ ମୁଳ୍ ହେଇଛେ । ଅଭିଯାନ୍‌ର ପହେଲା ଦିନ ଶହେ ୫୩ ଟା ଚାଲାନ୍ କଟିକରି ୬୦ ଟା ଗାଡ଼ିକେ ଜବତ୍ କରାଯାଇଛେ । ନିୟମ୍ ଅନ୍‌ସାରେ ନାବାଲକ୍ ଆର୍ ନାବାଲିକା ଗାଡ଼ି ଚଲଉଥିବା ଅଭିଭାବକ୍ କି ଗାଡ଼ି ମାଲିକଙ୍କର୍ ବିରୋଧ୍‌ଥି ୨୫ ହଜାର୍ ଟଙ୍କା ତକ୍ ଜରିମାନା ବ୍ୟବସ୍ଥା ରହିଛେ । ଏନ୍ତାକି କେତେ କ୍ଷେତ୍ରଥି ୩ ବରସ୍‌ତକ୍

ଜେଲ୍ ବ୍ୟବସ୍ଥା ଭିଲ୍ ରହିଛେ । ଗାଡ଼ିକେ ଜବତ୍ କର୍ବାର୍ ଭିଲ୍ ନିୟମ୍ ରହିଛେ । ଇ ଅଭିଯାନ୍ ଆଗ୍‌କେ ଜାରି ରହେବା ବଲି ରାଜ୍ୟ ପରିବହନ୍ ଆୟୁକ୍ତ ଅମିତାଭ୍ ଠାକୁର୍ କହିଛନ୍ । ଖାଲି ନାବାଲକ୍ ଆର୍ ନାବାଲିକା ଗାଡ଼ି ଚଲାବାର୍‌ଟା ନୁହେଁ, ଫିଟ୍‌ନେସ୍, ହେଲ୍‌ମେଟ୍, ସିଟ୍‌ବେଲ୍ଟ, ଜୋର୍ ଗାଡ଼ି ଚଲାବାର୍, ମଦ୍ ପିଇକରି ଗାଡ଼ି ଚଲାବାର୍ ବିରୋଧିଥି ଭିଲ୍ ଅଭିଯାନ୍ ଜାରି ରହେବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ବନ୍ଧେ ବୁଡ଼ି-୩ ଛୁଆ ମୃତ ଆର୍‌ଏନ୍‌ୟୁ/ କଟକ୍

କେନ୍ଦୁଝର୍ ଜିଲ୍ଲା ଶୋଷୋ ଥାନା ଆତୁରିକଣା ଗାଁ ନ ଗୁଟେ ବନ୍ଧେ ବୁଡ଼ିକରି ୩ ଝନ୍ ଛୁଆଙ୍କର୍ ଜୀବନ୍ ଯାଇଛେ । ଅଙ୍ଗନବାଡ଼ି କେନ୍ଦ୍ର ପାଖେ ଖେଲୁଥିବାର୍ ଇ ପିଲାମାନେ ବନ୍ଧ୍‌କେ ଧୁଆଧୁଇ ହେଲାବେଲେ ବୁଡ଼ିଯାଇଥିଲେ । ସେ ଇଲାକାର୍ ଲୋକ୍‌ମାନେ ସେମାନ୍‌କୁ ଉଦ୍ଧାର୍ କରିକରି ଅଗର୍‌ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକେ ଚିକିତ୍ସା ଲାଗି ନେଇଥିଲେ । ସେନ ସେମାନ୍‌କୁ ମୃତ ଘୋଷ୍‌ନା କରାଯାଇଛେ । ହେଲେ ଇ ବାବ୍‌ଦେ ଅଏତ୍‌କା ତଦନ୍ତ୍ ଜାରି ରହିଛେ ।

କୋରାପୁଟ୍- ହଇଜା ଆର୍‌ଏନ୍‌ୟୁ/ କଟକ୍

କୋରାପୁଟ୍ ଜିଲ୍ଲା ଲମ୍ତାପୁଟ୍ ବ୍ଲକ୍ର ଓମ୍ବେଲ୍ ପଂଚାୟତ୍ର ମେଡ଼ିପୁଟ ଗାଁ ନ ହଇଜାଥି ଆକ୍ରାନ୍ତ ହେଇକରି ୯ ଝନ୍ ଚିକିସ୍ଥିତ୍ ହେଉଛନ୍ । ନନ୍ଦପୁର୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଉ ବନମାଳୀପୁର୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନ ସେମାନ୍କର୍ ଚିକିସ୍ସା କରାଯାଇଛେ । ଚିକିସ୍ସା ଚାଲୁଥିବାର୍ ବେଲେ ଗଲାକାଏଲ୍ ଝନ୍କର୍ ମୃତ୍ୟୁ ହେଇଥିବାର୍ ଜନାପଡ଼ିଛେ । କୋରାପୁଟ୍ ନ ଗୁଟେ ଡାକ୍ତରୀ ଦଲ୍ ପ୍ରଭାବିତ୍ ଇଲାକା ଯାଇକରି ଲୁକ୍କୁ ଚିକିସ୍ସା କରୁଛନ୍ ।

ହୀରାକୁଦ୍ ଜଲ୍ଭଣ୍ଡାର            ସମ୍ବଲପୁର୍ ସମ୍ବାଦଦାତା

ହୀରାକୁଦ୍ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ଆଏଜ୍ ଉପର୍ବେଲା ୬ ବଜେ ୬ ଶହ ୧୩ ଦଶ୍ମିକ୍ ୨/୯ ଫୁଟ୍ ରହିଛେ । ଇ ସମିଆଥି ଫି ସେକେଣ୍ଡ୍ଥି ଜଲ୍ଭଣ୍ଡାର୍କେ ୧ ଲାଖ୍ ୭୪ ହଜାର୍ ୨୨ ଘନଫୁଟ୍ ପାଏନ୍ ଆସୁଛେ । ଜଲ୍ଭଣ୍ଡାର୍ନୁ ୨୦ ଗେଟ୍, ପାୱାର୍ ଚେନାଲ୍ ଆର୍ କେନାଲ୍ ଜରିଏ ଫି ସେକେଣ୍ଡଥି ୩ ଲାଖ୍ ୪୨ ହଜାର୍ ୫ ଶହ ୪୬ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଗଲା ରଏବାର୍ ଦିନୁ ହୀରାକୁଦ୍ ଜଲ୍ଭଣ୍ଡାର୍ନୁ ୨୦ ଟା ସ୍ଲୁଇସ୍ ଗେଟ୍ ଦେଇକରି ଇ ବଛ୍ରର୍ ବଢ଼ି ପାଏନ୍ ଛଡ଼ାଯାଉଛେ ।

ପାଣିପାଗ ଆର୍ଏନ୍ୟୁ/ କଟକ୍

ରାଏଜେ ମୌସୁମୀ ସକ୍ରିୟ ରହିଛେ । ଆଏବା ୫ ଦିନ୍ତକ୍ ବଡ଼ଭାଗୀ ଜାଗା ନ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର କହିଛେ । ଆଏବା ୨୪ ଘଂଟା ଭିତ୍ରେ ଜୋର୍  ବର୍ଷା ନେଇକରି ୧୯ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ସତର୍କ ସୂଚ୍ନା ଜାରି କରିଛେ । ଇ ସବୁ ଜିଲ୍ଲା ହେଉଛେ ମାଲ୍କାନ୍ଗିରି, କୋରାପୁଟ୍, ନବରଙ୍ଗ୍ପୁର୍, ନୟାଗଡ଼୍, ଖୋର୍ଦ୍ଧା, ପୁରୀ, ଜଗତ୍ସିଂହପୁର୍, କଟକ୍, କେନ୍ଦ୍ରାପଡ଼ା, ଢେଙ୍କାନାଲ୍, ଯାଜ୍ପୁର୍, ଭଦ୍ରକ୍, ବାଲେଶ୍ୱର୍, କେନ୍ଦୁଝର୍, ମୟୁର୍ଭଞ୍ଜ୍, ବୌଦ୍ଧ, ଅନୁଗୁଲ୍, ଦେବ୍ଗଡ଼୍ ଆର୍ ସୁନ୍ଦର୍ଗଡ଼୍ । ଇ ଜିଲ୍ଲାମାନ୍କର୍ ଗୁଟେ ଦୁଇଟା ଜାଗା ନ ୧୧ ସେଂଟିମିଟର୍ତକ୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ ।